# ଦୁର୍ଘଟଣାରେ ୨ ଭାଲୁ ମୃତ

ଯାଜପୁରରୋଡ/କୋରେଇ,୨୧।୫(ନି.ପ୍ର./ସ୍ୱ.ପ୍ର.) ଯାଜପୁରରୋଡ ବନଖଣ୍ଡ ଅଧୀନ ୨୦ନଂ. ଜାତୀୟ ରାଜପଥର ରଗଡୀ ପଲିଟେକନିକ ନିକଟରେ ମଙ୍ଗଳବାର ଭୋରରୁ ରାସ୍ତା ପାରବେଳେ ସଡକ ଦୁର୍ଘଟଣାରେ ୨ ଭାଲୁଙ୍କର ମୃତ୍ୟୁ ହୋଇଛି। କୋରାବନ୍ଦୀ କାଜୁ ଜଙ୍ଗଲରୁ ମା’ ଓ ଛୁଆ ଭାଲୁ ପାଣି ଅନ୍ୱେଷଣରେ ନିକଟସ୍ଥ ପୋଖରୀକୁ ଆସୁଥିଲେ। ପାଣି ପିଇବା ପରେ ୨୦ନଂ. ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ବନବିଭାଗ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକ ଭାଲୁଙ୍କ ମୃତଦେହ ଉଦ୍ଧାର କରି ଯାଜପୁରରୋଡ ପ୍ରାଣୀଧନ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ କରାଇଛନ୍ତି। ଜାତୀୟ ରାଜପଥରେ ଗଳିପୋଲ ନିର୍ମାଣ ହେଉ ନ ଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ ହେବ ବୋଲି ବନବିଭାଗ ଅଧିକାରୀ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ଉକ୍ତ ଅଞ୍ଚଳରେ ଭାଲୁ, କୁଟୁରା, ହରିଣ, ହେଟା ବାଘ ଆଦି ବନ୍ୟଜନ୍ତୁ ବିଚରଣ କରୁଥିବାରୁ ଜିଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗଳି ପୋଲ ନିର୍ମାଣ କରିବାକୁ ଦାବି ହୋଇଛି।


ମୃତ ଭାଲୁ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

